# Akashvani, Sambalpur

# SAMBALPURI NEWS BULLETIN

## 21 February 2025- 6.47- 6.52 am.

**************************************************

ମୁଖ୍ୟମନ୍ତ୍ରୀ- ରେଲ୍‌ମନ୍ତ୍ରୀ ଆଲୋଚନା     ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନ ଚାଲିଥିବା ଭିନ୍ ଭିନ୍ ରେଲ୍ ପ୍ରକଳ୍ପ କାମ୍‌କେ ତ୍ୱର୍‌ତି କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନୂଆଦିଲ୍ଲୀଠାନେ ଗଲାକାଏଲ୍ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିକରି ଆଲୋଚନା କରିଛନ୍ । କେନ୍ଦୁଝର୍‌ନୁ ନୂଆଁ ଷ୍ଟିଲ୍ ପ୍ଲାଂଟ୍ ହେବାର୍‌କେ ଥିବାର୍‌ନୁ ଜିଲ୍ଲାକେ ରେଲ୍ ଯୋଗାଯୋଗ୍ ଲାଗି ମୁଖ୍ୟମନ୍ତ୍ରୀ ରେଲ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କରିଛନ୍ ।

ମେଟ୍ରିକ୍ ପରୀକ୍ଷା     ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଳିତ୍ ମେଟ୍ରିକ୍ ପରୀକ୍ଷା ଆଏଜ୍‌ଠାନୁ ମୁଲ୍ ହେବା । ପହେଲା ଦିନ ଓଡ଼ିଆ ମାତୃଭାଷା ପରୀକ୍ଷା ହେବା । ଇ ବଛର୍ ୩୦ ଟା ଜିଲ୍ଲାର୍ ୩ ହଜାର୍ ୨୯ ଟା

ପରୀକ୍ଷା କେନ୍ଦ୍ର ନ ୫ ଲାଖ୍ ୨୦ ହଜାର୍ ୬ ଶହ ୪୯ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ସେଥିର୍‌ଭିତ୍‌ରୁ ପଶ୍ଚିମ ଓଡ଼ିଶାର୍ ୯ ଟା ଜିଲ୍ଲାର୍ ୧ ଲାଖ୍ ୧୬ ହଜାର୍ ୮ ଶହ ୨୨ ଝନ୍ ଛାତ୍ରଛାତ୍ରୀ ପରୀକ୍ଷା ଦଉଛନ୍ । ସଖାଲର୍ ୯ ବଜେନୁ ଦିନର୍ ସାଢ଼େ ୧୧ ବଜେତକ୍ ପରୀକ୍ଷା ଚାଲ୍‌ବା । ଖାଲି ଗଣିତ ପରୀକ୍ଷା ଲାଗି ୧୫ ମିନିଟ୍ ଅଏତ୍‌କା ସମିଆ ରହିଛେ । ମେଟ୍ରିକ୍ ପରୀକ୍ଷା ସହେତେ ରାଜ୍ୟମୁକ୍ତ ବିଦ୍ୟାଲୟ ଆଉ ସଂସ୍କୃତ ମଧ୍ୟମା ପରୀକ୍ଷା ଭିଲ୍ ମୁଲ୍ ହେଉଛେ । ପରୀକ୍ଷା ମାର୍ଚ୍ଚ ୬ ତାରିଖ୍‌ତକ୍ ଚାଲ୍‌ବା । କେନ୍ଦ୍ରମାନ୍‌କେ ପରୀକ୍ଷା ପରିଚାଲନା ବ୍ୟବସ୍ଥା ବାବ୍‌ଦେ ବୋର୍ଡ଼ ତର୍‌ଫୁ ବଛାଯାଇଥିବା ନୋଡ଼ାଲ୍ ସେଂଟର୍ ଆର୍ ସମ୍ବେଦନ୍‌ଶୀଲ୍ ପରୀକ୍ଷାକେନ୍ଦ୍ରମାନ୍‌କେ ଲାଇଭ୍ ଷ୍ଟ୍ରିମିଂ ବ୍ୟବସ୍ଥା କରାଯାଇଛେ । ୩ ହଜାର୍ ଶହେ ୩୩ ଟା ପରୀକ୍ଷା କେନ୍ଦ୍ର ନ ସିସିଟିଭି ବ୍ୟବସ୍ଥା କରାଯାଇଛେ । ପରୀକ୍ଷାକେ ଠିକ୍ କରି ପରିଚାଲନା କର୍‌ବାର୍ ଲାଗି ୪ ଥାକିଆ ସ୍କ୍ୱାର୍ଡ଼ ବ୍ୟବସ୍ଥା ସହେତେ ଶହେ ୭୨ ଟା ଟିମ୍ ଗଠନ୍ କରାଯାଇଛେ ବଲି ବୋର୍ଡ଼ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ବିଦ୍ୟାଲୟ ଆଉ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଚାପମୁକ୍ତ ହେଇକରି ପରୀକ୍ଷା ଦେବାର୍‌କେ ଆର୍ ଭଲ୍ କର୍‌ବାର୍‌କେ ଛାତ୍ରଛାତ୍ରୀମାନ୍‌କୁ ପରାମର୍ଶ ଦେଇଛନ୍ ।

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୯ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଆନ୍ତର୍ଜାତିକ୍ ମାତୃଭାଷା ଦିବସ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତିକ୍ ମାତୃଭାଷା ଦିବସ୍ । ପୁର୍ଥି ନ ମାତୃଭାଷା ମାନ୍‌କେ ବଂଚାବାର୍ ଲାଗି ବାଂଲାଦେଶ୍‌ର ପ୍ରସ୍ତାବ୍‌କେ ୧୯୯୯ ମସିହାଥି ୟୁନେସ୍କୋ ଅନ୍ତର୍ଜାତୀୟ ମାତୃଭାଷା ଦିବସ୍‌କେ ସ୍ୱୀକୃତି ଦେଇଥିଲା ଆର୍ ସେଦିନୁ ମାତୃଭାଷାର୍ ସୁରକ୍ଷା ଆର୍ ପ୍ରସାର୍ ଲାଗି ଆଜିର୍ ଦିନ୍‌କେ ସାରା ପୁର୍ଥି ନ ମାତୃଭାଷା ଦିବସ୍ ଭାବେ ପାଲନ୍ କରାଯାଉଛେ । ହେଲେ ପୁର୍ଥିର୍ ଶତ୍‌କଡ଼ା ୪୦ ଭାଗ୍ ଲୋକ୍ ମାତୃଭାଷାଥି ଶିକ୍ଷା ସୁବିଧା ନାଇଁ ପାଏବାର୍ । ହେଥିର୍‌ଲାଗି କେନ୍ଦ୍ର ସର୍‌କାର୍ ଇ ବଛର୍‌ର ଆନ୍ତର୍ଜାତୀୟ ମାତୃଭାଷା ଦିବସ୍‌ର ବାର୍ତା ରଖିଛନ୍ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ୍‌ର ରୌପ୍ୟଜୟନ୍ତୀ ଉତ୍ସବ୍' ।

କୃଷି ରପ୍ତାନୀ-ପରାମର୍ଶ ବୈଠକ I&PR

ଓଡ଼ିଶାର୍ କୃଷି ରପ୍ତାନୀକେ ତହଁକାବାର୍ ଲାଗି କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ବିଭାଗର୍ ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଗୁଟେ ପରାମର୍ଶ ବୈଠକ୍ ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ, ଓଡ଼ିଶାର୍ କୃଷିଜାତ ଦରବ୍ ଦେଶ୍ ବିଦେଶେ ଚାହିଦା ରହିଛେ । ଓଡ଼ିଶାର୍

କୃଷି ରପ୍ତାନୀକେ ତହଁକାବାର୍ ସହେତେ ବ୍ୟବସାୟୀମାନ୍‌କର୍ ଅସୁବିଧା ଦୂର୍ କର୍‌ବାର୍ ଲାଗି ବୈଠକ୍‌ଥି ଆଲୋଚନା କରାଯାଇଥିଲା । ଓଡ଼ିଶାର୍ ରପ୍ତାନୀ ଢାଂଚାକେ ବର୍‌କସ୍ କରିକରି ସର୍‌କାର୍‌ଙ୍କର୍ ତର୍‌ଫୁ ସବୁପ୍ରକାର୍ ନୀତିଗତ ସାହାଜ୍ କରାଯିବା ବଲି ଡକ୍ଟର୍ ପାଢ଼ୀ କହିଛନ୍ । ଇ ଦିଗେ ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ଡକ୍ଟର୍ ପାଢ଼ୀ ନିର୍ଦ୍ଦେଶ୍ ଦେଇଛନ୍ ।

ଗ୍ରାମ୍ୟ ଜଲଯୋଗାଣ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପଂଚାୟତ୍ ସମିତି ସମ୍ମିଲନୀ କକ୍ଷ ନ ଗ୍ରାମ୍ୟ ଜଲଯୋଗାଣ ସମବାୟ ମୁଖିଆ ସମସ୍ୟାର୍ ସମାଧାନ୍‌କେ ନେଇକରି ଦିନ୍‌କିଆ ସମନ୍ୱୟ ସମ୍ମିଲନୀ ହେଇଯାଇଛେ । ଖଡ଼ିଆଲ୍ ବ୍ଲକ୍‌ର ୨୬ ଟା ଗ୍ରାମ୍‌ପଂଚାୟତ୍‌ର ସର୍‌ପଂଚ୍, କାର୍ଯ୍ୟନିର୍ବାହୀ ଅଧିକାରୀ ଆର୍ ଗ୍ରାମ୍ୟ ଜଲ୍‌ଯୋଗାଣ୍ ଅଧିକାରୀମାନେ ଇଥି ଯୋଗ୍‌ଦେଇଥିଲେ । ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ସମ୍ମିଲନୀଥି ଯୋଗ୍ ଦେଇକରି ପଂଚାୟତ୍‌ର ପିଇବାର୍ ପାନିର୍ ସମସ୍ୟା ବାବ୍‌ଦେ ବୁଝିକରି ପଂଚାୟତ୍ ନ ଥିବା ନଲ୍‌କୂଆଁ ମାନ୍‌କୁ କାର୍ଯ୍ୟକ୍ଷମ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଥିଲେ ।

ଭ୍ରାମ୍ୟମାଣ ତାଲିମ୍ କେନ୍ଦ୍ର          କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ଖଣି ପ୍ରଭାବିତ୍ ଅଂଚଲ୍‌ମାନ୍‌କେ ଯୁବଗୋଷ୍ଠୀଙ୍କର୍ ଦକ୍ଷତା ବିକାଶ୍ ଆର୍ ନିଯୁକ୍ତି ସୁଯୋଗ୍ ଲାଗି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନୁ ଗୁଟେ ଭ୍ରାମ୍ୟମାଣ ତାଲିମ୍ କେନ୍ଦ୍ର ଉଦ୍‌ଘାଟିତ୍ ହେଇଛେ । ଜିଲ୍ଲାପାଲ୍ ସଚିନ୍ ପାଓ୍ୱାର୍ ପ୍ରକାଶ୍ ଭ୍ରାମ୍ୟମାଣ କେନ୍ଦ୍ରର୍ ଉଦ୍‌ଘାଟନ୍ କରିଛନ୍ । ରାଏଜେ ପହେଲାକରି ଏନ୍ତା ଗୁଟେ ଭ୍ରାମ୍ୟମାଣ ତାଲିମ୍ ଗାଡ଼ିଥି ଖଣି ବାବଦ୍ ଭିନ୍ ଭିନ୍ ତାଲିମ୍ ଦିଆଯାଉଛେ । ଇନୁ ତାଲିମ୍ ପାଏଲା ଉତ୍‌ରୁ ଯୁଆନ୍ ପିଲାଟୁକେଲ୍‌ମାନ୍‌କୁ ନିଯୁକ୍ତି ଭିଲ୍ ଦିଆଯିବା । ଇ ଯୋଜ୍‌ନା ଜରିଏ ଜିଲ୍ଲାର୍ ବେକାର୍ ଯୁଆନ୍ ମାନ୍‌କର୍ ଦକ୍ଷତା ବିକାଶ୍ ହେବାର୍ ସହେତେ ସେମାନେ ନିଯୁକ୍ତି ପାଇପାର୍‌ବେ ବଲି ଜିଲ୍ଲାପାଲ୍ କହିଛନ୍ ।

ପାରା ଆଥ୍‌ଲେଟିକ୍ସ          ଆର୍‌ଏନ୍‌ୟୁ/ ସମ୍ବଲପୁର

ଚେନ୍ନାଇଠାନେ ଚାଲିଥିବା ୨୩ ନମ୍ବର ଜାତୀୟ ପାରା ଆଥ୍‌ଲେଏଟିକ୍ସ ଚାମ୍ପିଅନ୍‌ସିପ୍’ଥି ଓଡ଼ିଶା ମୋଟ୍ ୪ ସ୍ୱର୍ଣ୍ଣପଦକ୍ ସାଙ୍ଗେ ୭ ଟା ପଦକ୍ ଜିତିଛେ । ଗଲାକାଏଲ୍ ଚମ୍ପିଆନ୍‌ସିପ୍‌ର

ଶେଷ୍ ଦିନେ ଜୟନ୍ତୀ ବେହେରା ଟି-୪୭ ୨ ଶହ ମିଟର୍ ମହିଳା ବର୍ଗ ଦୌଡ଼୍ ଆର୍ ସୁଚିତ୍ରା ପରିଡ଼ା ଏଫ୍-୫୫ ମହିଳା ବର୍ଗ ଜାଭେଲିନ୍ ଥ୍ରୋ ଥି ୨ ଟା ସ୍ୱର୍ଣ୍ଣପଦକ୍ ଜିତିଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ବଡ଼ଭାଗୀ ଜାଗା ନ ଗଲାକାଏଲ୍ ଘଡ଼୍ଘଡ଼ି ସାଙ୍ଗେ ବର୍ଷା ହେବାର୍ନୁ ତାପମାତ୍ରା ଟିକେ କମିଛେ । ରାଜ୍ଧାନୀ ଭୁବ୍ନେଶ୍ୱର୍ ସହେତେ ଗୁଟେ ଜୁଡ଼େ ଜାଗା ନ ଜବର୍ ଘଡ଼୍ଘଡ଼ି ଆର୍ ବିଜଲି ମାରିକରି ବର୍ଷା ହେଇଛେ । ବାଲେଶ୍ୱର୍, ମୟୁର୍ଭଞ୍ଜ୍ ନ ଆଏବାକାଏଲ୍ତକ୍ ବର୍ଷା ହେଇପାରେ ବଲି ଭୁବନେଶ୍ୱର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ କରାଯାଇଛେ ।